**ଚୋରି ଅଭିଯୋଗ, ୨ ମାମଲା ରୁଜୁ**

କାମାକ୍ଷାନଗର,(ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରିଡାମାଳି ଗ୍ରାମର ବିଜୟ ନାୟକଙ୍କ ଘରୁ ୧୮ ହଜାର ଟଙ୍କା ଓ ସୁନା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪୮୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବାଙ୍ଗୁରା ଗ୍ରାମର ଲିଙ୍ଗୁନ ଜେନାଙ୍କ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪୯୦/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ବ୍ଲକ ବିଜେଡି ସଭାପତିଙ୍କ ଇସ୍ତଫା

କାମାକ୍ଷାନଗର,୨୭।୧୦ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ଲଳିତ କୁମାର ସାହୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏ ନେଇ ଲଳିତ ଜିଲା ବିଜେଡି ସଭାପତି ତଥା ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁଙ୍କୁ ଅବଗତ କରାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଲଳିତ ଦର୍ଶାଇଛନ୍ତି। ଏଥିସହ ଇସ୍ତଫା ସମ୍ପର୍କରେ ଜିଲା ସଭାପତିଙ୍କୁ ଫୋନ ଯୋଗେ ଜଣାଇବା ସହ ତାଙ୍କ ହ୍ୱାଟ୍ସଆପ ଓ ଇ-ମେଲକୁ ଇସ୍ତଫାପତ୍ର ପଠାଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ତଥା ବିଧାୟକ ନୃସିଂହ ଚରଣ ସାହୁ କହିଛନ୍ତି, ଇସ୍ତଫାପତ୍ର ପାଇଛି। କିନ୍ତୁ ସେଥିରେ କିଛି ମୂଲ୍ୟନାହିଁ। ପୂର୍ବରୁ ଥିବା ଜିଲା ସଭାପତିଙ୍କ ସମୟରେ ଲଳିତଙ୍କୁ ବ୍ଲକ ସଭାପତି ପଦରେ ନିଯୁକ୍ତି ମିଳିଥିଲା। ସେ ଜିଲା ସଭାପତି ଦାୟିତ୍ୱ ନେବା ପରେ କୌଣସି ନୂତନ କର୍ମକର୍ତ୍ତା ନିଯୁକ୍ତି ହୋଇନାହାନ୍ତି ବୋଲି ସାହୁ ପ୍ରକାଶ କରିଛନ୍ତି।

# ୩ ଅଣ୍ଡରପାସ୍ ନ ହେଲେ କ୍ଷତିଗ୍ରସ୍ତ ହେବ ବ୍ୟବସାୟ

- ଗୋଟିଏ ସ୍ଥାନରେ ଅଣ୍ଡରପାସ୍ ହେଉଥିବାରୁ ଚିନ୍ତାରେ ବଇଣ୍ଡା ବ୍ୟବସାୟୀ
- ଆଉ ୨ଟି ସ୍ଥାନରେ ନିର୍ମାଣ କରିବାକୁ ତହସିଲଦାରଙ୍କୁ ଦେଲେ ଦାବିପତ୍ର
- ବିଧାୟକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଅସନ୍ତୋଷ

ବଇଣ୍ଡା,୨୭।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବ୍ୟବସାୟିକ କେନ୍ଦ୍ରସ୍ଥଳ ବଇଣ୍ଡା ବଜାରର ବ୍ୟବସାୟୀମାନଙ୍କ ଚିନ୍ତା ବଢୁଛି। ବଇଣ୍ଡାଠାରେ ୫୫ନଂ. ଜାତୀୟ ରାଜପଥ ଉପରେ ଫ୍ଲାଏଓଭରବ୍ରିଜ୍ ନିର୍ମାଣ ହେଉଥିବାବେଳେ ତଳେ ଯାତାୟାତ ପାଇଁ ମାତ୍ର ଗୋଟିଏ ଅଣ୍ଡରପାସ୍ କରାଯାଉଛି। ଯଦି ଅଣ୍ଡରପାସ୍ ସଂଖ୍ୟା ୩କୁ ବଢ଼ା ନ ଯାଏ ତା'ହେଲେ ଏହି ବ୍ୟବସାୟିକ ପେଣ୍ଠସ୍ଥଳରେ ବ୍ୟବସାୟ ପ୍ରଭାବିତ ହେବ। ଶତାଧିକ ବ୍ୟବସାୟୀ କ୍ଷତି ସହିବେ। ବଜାରରେ ଯାତାୟାତ ବାଧାପ୍ରାପ୍ତ ହେବ। ତେଣୁ ଏଠାରେ ୩ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ବହୁ ପୂର୍ବରୁ ବଇଣ୍ଡାବାସୀ ଦାବି କରିଆସିଛନ୍ତି। ପ୍ରଶାସନ, ବିଧାୟକଙ୍କୁ ଦାବିପତ୍ର ଦେଇଛନ୍ତି। ହେଲେ ଏଯାଏ ସେ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। ଏପରି କି ବିଧାୟକଙ୍କ ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ବଇଣ୍ଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ମାଣାଧୀନ ଓଭରବ୍ରିଜ୍ କାର୍ଯ୍ୟର ସମୀକ୍ଷା ପାଇଁ ଶୁକ୍ରବାର କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ବଇଣ୍ଡା ଆସିଥିବା ବେଳେ ଆଉ ୨ଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ପାଇଁ ବଇଣ୍ଡାବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ବଇଣ୍ଡା ମେଡିକାଲଠାରେ ନିର୍ମାଣ ହେଉଥିବା ଅଣ୍ଡରପାସ୍।

ଉକ୍ତ ଦାବିପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ବଜାର ରହିଛି। ଆଠମଲ୍ଲିକ ଉପଖଣ୍ଡରେ ଏହା ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ। ସକାଳୁ ବିଳମ୍ବିତ ରାତି ଯାଏ ଏଠାରେ ଗହଳିଚହଳି ଲାଗି ରହିଥାଏ। ଏହାକୁ ଦୃଷ୍ଟିରେ ରଖି ବଇଣ୍ଡା ଛକରେ ଜାତୀୟ ରାଜପଥ ଉପରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଉଛି। ଏହି ଫ୍ଲାଏ ଓଭରବ୍ରିଜ କଦଳୀମୁଣ୍ଡା ଠାରୁ ଆରମ୍ଭ ହୋଇ ଦେଢ଼ କିଲୋମିଟର ଆନନ୍ଦମୁଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହାର ଉଭୟ ପାର୍ଶ୍ୱରେ ଶତାଧିକ ଦୋକାନ ଓ ବାସଗୃହ ରହିଛି। ବ୍ୟବସାୟିକ ଅଞ୍ଚଳରେ ହେଉଥିବା ଏହି ଫ୍ଲାଏ ଓଭରବ୍ରିଜ ତଳେ ଯାତାୟାତ ପାଇଁ ବର୍ତ୍ତମାନ ଗୋଟିଏ ମାତ୍ର ଅଣ୍ଡରପାସ ନିର୍ମାଣ କରାଯାଉଛି। ଏହାକୁ ନେଇ ବଜାରର ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ୩ଟି ଅଣ୍ଡରପାସ୍ କରାଯିବାର ଆବଶ୍ୟକତା ଥିବାବେଳେ ମାତ୍ର ଗୋଟିଏ ନିର୍ମାଣ ହେଉଥିବାରୁ ବ୍ୟବସାୟ ଗଭୀର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଥିସହ ବଜାରକୁ ଯାତାୟାତରେ ମଧ୍ୟ ବ୍ୟାପକ ଅସୁବିଧା ଉପୁଜିବ। ତେଣୁ ଆଉ ୨ଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ବହୁବାର ଆଠମଲ୍ଲିକ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ଏପ୍ରିଲ ୧୪ରେ ବଇଣ୍ଡା ଗ୍ରାମବାସୀ, ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ, ଜିଲା ପ୍ରଶାସନ ଓ ଠିକାସଂସ୍ଥା ଅଧିକାରୀଙ୍କୁ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏକ ସମୀକ୍ଷା ବୈଠକ କରିଥିଲେ। ବଇଣ୍ଡା ଗ୍ରାମବାସୀଙ୍କ ଦାବି ଅନୁଯାୟୀ ୩ଟି ଅଣ୍ଡରପାସ ନିର୍ମାଣ କରିବା ପାଇଁ ଠିକାସଂସ୍ଥା ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବଇଣ୍ଡା ଗ୍ରାମର ସମ୍ପାଦକ ଲକ୍ଷ୍ମୀଧର ବେହେରା, ଉପସଭାପତି ଅରବିନ୍ଦ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ରମେଶ ଟିବ୍ରୁୱାଲା, ବିଜୟ ସାହୁ, ରାଜେନ୍ଦ୍ର ସାହୁ, ରାଜା ଶର୍ମା, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

ଅନୁଗୋଳ,୨୭।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବନ ବିଭାଗ ଓ ଜିଲା ପ୍ରଶାସନ ଜୋରଜବରଦସ୍ତ ବିସ୍ଥାପନ ଏବଂ ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ କରି ସାତକୋଶିଆ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି କେତୋଟି ଅଞ୍ଚଳବାସୀ। ଏଥିସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ୨ ମାସ ମଧ୍ୟରେ ଦାବି ପୂରଣ କରା ନ ଗଲେ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

ଅନୁଗୋଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ସଭାପତି ନବ କିଶୋର ବିଶୋଇଙ୍କ ନେତୃତ୍ୱରେ ଜଗନ୍ନାଥପୁର, ପୁରୁଣାକୋଟ ଏବଂ ଟିକରପଡା ପଞ୍ଚାୟତର ବୁଦ୍ଧିଜୀବି, ମହିଳା, ସରପଞ୍ଚ, ସମିତିସଭ୍ୟମାନେ ଏହି ଆମରଣ ଅନଶନରେ ସାମିଲ ହୋଇଥିଲେ। ଟାଇଁସି, କୋଠଭୂଇଁ, ଅନ୍ତୁଲିଆ, ମାଣିକଯୋଡି, ମାଟିଆସାହି,ର ବୁଦ୍ଧିଜୀବି, ପଞ୍ଚାୟତ ଓ ଜିଲାପରିଷଦ ପ୍ରତିନିଧି ଏବଂ ପଞ୍ଚାୟତର ପୂର୍ବତନ ପ୍ରତିନିଧିଙ୍କ ସମେତ ନରସିଂହପୁର ଅଞ୍ଚଳର ଚକାମୁଣ୍ଡା, ରେଗେଡା, ଜୋଡୁମ୍ବ ଓ କମଳାଡିହ ପଞ୍ଚାୟତର ସରପଞ୍ଚ, ସାମାଜିକ କର୍ମୀ, ଆଇନଜୀବୀ ଅନଶନକୁ ସମର୍ଥନ ଦେଇ ଯୋଗ ଦେଇଥିଲେ। ତେବେ ସହକାରୀ ଜିଲାପାଳ ସୌଦାଗର ବେହେରାଙ୍କ ଅନୁରୋଧ କ୍ରମେ ଅନଶନକାରୀମାନେ ଅନଶନରୁ ପ୍ରତ୍ୟାହାର କରିଥିଲେ। ବେଆଇନ ବିସ୍ଥାପନ ବନ୍ଦ ସହିତ କ୍ଷତିପୂରଣ ପ୍ୟାକେଜରୁ ବଞ୍ଚିତ ପରିବାରକୁ କ୍ଷତିପୂରଣ ଦେବାରେ ଅବହେଳା କଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ହେବ ବୋଲି ପ୍ରଜା ସୁରକ୍ଷା ସମିତି ସଭାପତି ନବ କିଶୋର ବିଶୋଇ ଓ ଜଙ୍ଗଲପ୍ରେମୀ ସୁଶୀଲ କୁମାର ପ୍ରଧାନ ଚେତାବନୀ ଦେଇଛନ୍ତି।

## ଶୀଘ୍ର ବିସ୍ଥାପନ ପାଇଁ ଦାବିପତ୍ର

ଅନୁଗୋଳ,୨୭।୧୦(ଅମିତ କୁମାର ସାମଲ)

ସାତକୋଶିଆ ଅଭୟାରଣ୍ୟରୁ ବିସ୍ଥାପିତ ହେବାକୁ ପୁରୁଣାକୋଟ ଥାନା ଗୋପାଳପୁର ଗ୍ରାମର କେତେଜଣ ଅଧିବାସୀ ଆଗ୍ରହ ପ୍ରକାଶ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି, ଗ୍ରାମର ୯୮% ଲୋକ ବିସ୍ଥାପନ ପ୍ୟାକେଜ ନେଇ ଏଠାରୁ ବିସ୍ଥାପିତ ହେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ହେଲେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ଅଭୟାରଣ୍ୟ ବାହାରର ଏନ୍‌ଜିଓ କର୍ମକର୍ତ୍ତା ବିସ୍ଥାପନ ନିମନ୍ତେ ଲୋକେ ଇଚ୍ଛୁକ ନ ଥିବା ସମ୍ପର୍କରେ ବିଭ୍ରାନ୍ତ କରୁଛନ୍ତି। ତେଣୁ ବିସ୍ଥାପନ ସପକ୍ଷରେ ଥିବା ଲୋକଙ୍କୁ ଉପଯୁକ୍ତ ପ୍ୟାକେଜ ଦିଆଯାଇ ଗ୍ରାମକୁ ବିସ୍ଥାପିତ କରିବାକୁ ଆବେଦନକାରୀମାନେ ଦାବି କରିଛନ୍ତି।

## ନିଯୁକ୍ତି ଦାବିରେ ଧାରଣା

କଣିହାଁ,୨୭।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ଏନ୍‌ଟିପିସି ମେଣ୍ଟେନାନ୍ସ କାମରେ ନିଯୁକ୍ତି ଦାବିରେ କଣିହାଁ ବ୍ଲକ ଗଦାଶିଳା ଗ୍ରାମର ପ୍ରମିଳା ନାଏକ ପରିବାର ସହିତ ପ୍ରକଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଗୁରୁବାରଠାରୁ ଧାରଣା ଦେଇଛନ୍ତି। ଘଟଣାରୁ ଜଣାପଡିଛି, ଠିକାଶ୍ରମିକ ଗଦାଶିଳା ଗ୍ରାମର ପ୍ରମୋଦ ନାଏକ କ୍ୟାନସରରେ ପୀଡିତ ହୋଇ ୨୦୨୨ ଅଗଷ୍ଟ ୯ରେ ପ୍ରାଣ ହରାଇଥିଲେ। ଏହାପରେ ମେଣ୍ଟେନାନ୍ସ କାମରେ ନିଯୁକ୍ତି ପାଇଁ ପ୍ରମୋଦଙ୍କ ସ୍ତ୍ରୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହେଲେ ନିଯୁକ୍ତି ମିଳି ନ ଥିବାରୁ ପ୍ରମିଳା ଓ ପୁଅ ପ୍ରଦ୍ୟୁମ୍ନ ନାଏକ (୧୨) ଏନ୍‌ଟିପିସି ମୁଖ୍ୟ ଫାଟକ ପ୍ରଗତି ଦ୍ୱାର ସମ୍ମୁଖରେ ଧାରଣାରେ ବସିଥିଲେ। ଏନ୍‌ଟିପିସି ଏଚ୍‌ଆର୍ ସିନିୟର ମ୍ୟାନେଜର ସାଇରାଜ କ୍ଷୀରସାଗର ବୁଝାଶୁଝା କରିଥିଲେ ହେଁ ସଫଳତା ମିଳି ନ ଥିଲା। ସନ୍ଧ୍ୟାରେ ଏନ୍‌ଟିପିସି ଠିକା ଶ୍ରମିକମାନେ ବାଇପାସ ଛକଠାରେ ଏକତ୍ରିତ ହୋଇ ପ୍ରମିଳାଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଗଦାଶିଳା ଗ୍ରାମର ମହିଳାମାନେ ମଧ୍ୟ ସମର୍ଥନ ଦେଇଥିଲେ।




ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି।

## ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ବଦଳି

କାମାକ୍ଷାନଗର,୨୭।୧୦(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ଅଫିସରେ ନୂତନ ତହସିଲଦାର ଭାବେ ପ୍ରିୟବ୍ରତ ଦାସ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ କଟକ ଜିଲା ଆଠଗଡ଼ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ ତହସିଲଦାର ଓମ୍ ପ୍ରକାଶ ମହାନ୍ତିଙ୍କ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗରକୁ ବଦଳି ହେବାପରେ ତାଙ୍କ ସ୍ଥାନରେ ପ୍ରିୟବ୍ରତଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେହିପରି ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ମଧ୍ୟ ବଦଳି ହୋଇଛି। ତାଙ୍କ ସ୍ଥାନରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଅରଣ୍ୟକ ସ୍ୱାଇଁଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଝସକେତନଙ୍କୁ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ତହସିଲକୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର କାମାକ୍ଷାନଗର ତହସିଲ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ପୂର୍ବତନ ତହସିଲଦାର ଓମ ପ୍ରକାଶ ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ସହ ନୂତନ ଅତିରିକ୍ତ ତହସିଲଦାର ଅରଣ୍ୟକ ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ।



ନୂତନ ତହସିଲଦାର ପ୍ରିୟବ୍ରତ ଦାସ।



ବିଦାୟୀ ତହସିଲଦାରଙ୍କୁ ସମ୍ବର୍ଦ୍ଧନା ଓ ନୂତନ ଅତିରିକ୍ତ ତହସିଲଦାରଙ୍କୁ ସ୍ୱାଗତ କରାଯାଉଛି।

## ଭୁବନରେ ନୂତନ ତହସିଲଦାର

ଭୁବନ,୨୭।୧୦(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ତହସିଲରେ ସିରିଏଲ ଶୁଭ୍ର ପଟେଲ ନୂତନ ତହସିଲଦାର ଭାବେ ଶୁକ୍ରବାର ଯୋଗ ଦେଇଛନ୍ତି। ସେ ପୂର୍ବରୁ ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଭୁବନ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଅଂଶୁମାନ ମହାପାତ୍ରଙ୍କ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ତହସିଲକୁ ବଦଳି ହୋଇଛି। ତହସିଲ କାର୍ଯ୍ୟାଳୟରେ ବାକିଥିବା ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରି ଲୋକଙ୍କ କାମକୁ ଗୁରୁତ୍ୱ ଦେବି ବୋଲି ନୂତନ ତହସିଲଦାର ସିରିଏଲ ଶୁଭ୍ର ପଟେଲ ପ୍ରକାଶ କରିଛନ୍ତି।

## କେନାଲରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର,୨୭।୧୦(ସୁଧୀର ପରିଡ଼ା)

କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ମଞ୍ଜକଣ ଗ୍ରାମର ଛକଡି ବିଶୋଇ (୫୫) ରେଙ୍ଗାଲି ବାମ କେନାଲ ଭଏରପୁର ଶାଖାରେ ବୁଡି ପ୍ରାଣ ହରାଇଛନ୍ତି। ଗୁରୁବାର ଛକଡି କେନାଲ କୂଳରେ ଥିବା ବଗିଚାରେ କାମ କରିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ଖାଇବା ଧରି ବଗିଚାକୁ ଯାଇଥିବାବେଳେ ଛକଡି ସେଠାରେ ନ ଥିଲେ। କେନାଲ କୂଳରେ ତାଙ୍କ ଚପଲ ପଡିଥିବା ଦେଖି ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ଖୋଜାଖୋଜି କରିଥିଲେ। ଶୁକ୍ରବାର କେନାଲରେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ କାମାକ୍ଷାନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୧୫ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଚକବନ୍ଦୀ ଉଚ୍ଛେଦ ଦାବିରେ ମୁଣ୍ଡ ଟେକିଲା ଚାଷୀ ଆନ୍ଦୋଳନ**



ବୈଠକରେ ଉପସ୍ଥିତ ଗ୍ରାମ ନେତୃମଣ୍ଡଳୀ।

ଅନୁଗୋଳ,୨୭।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୯୨ଖଣ୍ଡ ରାଜସ୍ୱ ଗ୍ରାମରୁ ଚକବନ୍ଦି ଉଚ୍ଛେଦ ଦାବି ଜୋର୍ ଧରିଛି। ଏ ନେଇ ଆସନ୍ତା ୧୫ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଗୁରୁବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଅନୁଗୋଳ ଜିଲା ଚାଷୀ ସୁରକ୍ଷା କମିଟିର ଆହ୍ୱାନକ୍ରମେ ବନ୍ତଲା ରାମ ମନ୍ଦିର ପରିସରରେ ପ୍ରତ୍ୟେକ ଗ୍ରାମର ନେତୃମଣ୍ଡଳୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଦୀପ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ସମ୍ପାଦକ ହେମନ୍ତ କୁମାର ଦାସ ଚକବନ୍ଦି ଉଚ୍ଛେଦ ଓ ଚକ ଉଚ୍ଛେଦ ପର୍ଯ୍ୟନ୍ତ ୯୨ଖଣ୍ଡ ଚକବନ୍ଦି ଗ୍ରାମରେ ଜମି କିଣାବିକା ବନ୍ଦ ଦାବିରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଏହାର ସମର୍ଥନରେ ସୁଦର୍ଶନ ସାହୁ, ତ୍ରିନାଥ ସାହୁ, ଯତୀନ୍ଦ୍ର ପ୍ରଧାନ, ନରେଶ ଚନ୍ଦ୍ର ଦେହୁରୀ, ଅଚ୍ୟୁତାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ମିଶ୍ର, ଧୀର ଗଡନାୟକ, ଯତୀନ୍ଦ୍ର ଦେହୁରୀ, କନ୍ଦର୍ପ ସାହୁ, କୃତାର୍ଥ ଗଡନାୟକ, ଘନଶ୍ୟାମ ଗଡନାୟକ, କାଳିଆ ନନ୍ଦ, ବୃନ୍ଦାବନ ପରିଡା, କାଳୀଚରଣ ପ୍ରଧାନ, ଅଭୟ କୁମାର ଧର, ଭାସ୍କର ଦେହୁରୀ, ପ୍ରକାଶ ଦେହୁରୀ, ପ୍ରମୋଦ ସାହୁ, ବସନ୍ତ କୁମାର ଗଡନାୟକ, ଅମରେଶ ବିଷୋଇ, ମଳୟ କିଶୋର ଦେହୁରୀ, ବିଷ୍ଣୁଚରଣ ସାହୁ, ପ୍ରତାପ କୁମାର ଦାସ, ବ୍ରଜକିଶୋର ବିଶ୍ୱାଳ, ଉପେନ୍ଦ୍ର ସ୍ୱାଇଁ, ଅନନ୍ତଚରଣ ସାହୁ, ନବକିଶୋର ପ୍ରଧାନ, ବ୍ରଜବନ୍ଧୁ ସାହୁ, ମହେଶ୍ୱର ସାହୁ, ଭିକାରୀ ପ୍ରଧାନ, ହର୍ଷବର୍ଦ୍ଧନ ସାହୁ, ଲିଙ୍ଗରାଜ ସାହୁ, ରାମଚନ୍ଦ୍ର ପ୍ରଧାନ ଓ ପ୍ରକାଶ ପ୍ରଧାନ ପ୍ରମୁଖ ମତ ପ୍ରକାଶ କରି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଦୃଢ଼ମତ ପୋଷଣ କରିଥିଲେ।

## ଚିଠା ଭୋଟର ତାଲିକା ଉନ୍ମୋଚନ




ଚିଠା ଭୋଟର ତାଲିକାକୁ ଉନ୍ମୋଚନ କରାଯାଉଛି।

ଅନୁଗୋଳ,୨୭।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଚିଠା ଭୋଟର ତାଲିକା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ କୋର୍ଟ ରୁମ ଠାରେ ଉନ୍ମୋଚନ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାକୁ ବିଧିବଦ୍ଧ ଭାବେ ଉନ୍ମୋଚନ କରିବା ସହ ଡିସେମ୍ବର ୯ ତାରିଖ ଯାଏ ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି କହିଥିଲେ। ଯେଉଁମାନେ ଭୋଟର ତାଲିକାରେ ନାମ ସଂଯୋଗ ପାଇଁ ନୂଆଁ ଆବେଦନ କରିବାକୁ ଚାହୁଁଥିବେ ସେମାନେ ଫର୍ମ ୬ ରେ ଆବେଦନ କରିବେ। ଯେଉଁମାନେ ତାଲିକାରୁ ନାଁ ବାଦ କିମ୍ବା ସଂଶୋଧନ କରିବାକୁ ଚାହୁଁଥିବେ ସେମାନେ ଫର୍ମ ୭ ଓ ୮ରେ ଆବେଦନ କରିବେ। ଏହି ଭୋଟର ତାଲିକା ଉନ୍ମୋଚନ ବେଳେ ଅନୁଗୋଳ ଉପଜିଲାପାଳଙ୍କ ସହ ସମସ୍ତ ରାଜନୈତିକ ଦଳର ସଦସ୍ୟ ଉପସ୍ଥିତ ଥିଲେ। ବୁଥ ଲେଭଲ ଏଜେଣ୍ଟମାନେ ବୁଥ ଲେଭଲରେ ଥିବା ତ୍ରୁଟିକୁ ପ୍ରଶାସନକୁ ଅବଗତ କରାଇ ସହଯୋଗ କରିବାକୁ ଜିଲାପାଳ ରାଜନୈତିକ ଦଳର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ।

## କୁମାର ପୂର୍ଣ୍ଣିମା ପାଇଁ ରାଣୀଗୋଡ଼ା ଉତ୍ସବମୁଖର



ଅନୁଗୋଳ,୨୭।୧୦(ଅମିତ କୁମାର ସାମଲ)

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ଗ୍ରାମରେ ମା' ବଗାଧରଙ୍କ ବାର୍ଷିକ କୁମାର ପୂର୍ଣ୍ଣିମା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ୩ଦିନିଆ ଉତ୍ସବକୁ ନେଇ ଗାଁ ଉତ୍ସବମୁଖର ହୋଇପଡ଼ିଛି। ପୂର୍ବାହ୍ନ ୧୧ ଘଟିକାରେ ଗ୍ରାମର ସାମନ୍ତ ସାହିରେ ଥିବା ମା'ଙ୍କ ବିଜେ ପ୍ରତିମା ସୁସଜ୍ଜିତ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପାଇକମାନେ ଅସ୍ତ୍ରଶସ୍ତ୍ର ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ପୀଠର ଆସ୍ଥାନ ଉପରେ ଆଲମକୁ ବିଜେ କରାଯିବା ପରେ ପୂଜକ ଭାଗୀରଥି ଦେହୁରୀ ଏବଂ ସହଯୋଗୀ ନୀର ଦେହୁରୀ, କଇରା ଦେହୁରୀ ଏବଂ ପରୀ ଦେହୁରୀ ପୂଜାନୀତି କରିଥିଲେ। ପରେ ଷୋଡ଼ଶ ଉପଚାରରେ ପୂଜା ସହ ପଡିଆରଙ୍କ ଦେହରେ ମା'ଙ୍କୁ ଆବିର୍ଭୂତା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ଏହି ପୂଜା ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବକୁ ଗାଁ ମୁଖିଆଙ୍କ ସହ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଅବକାରୀ ଚଢ଼ାଉ, ୭ ଗିରଫ

ବଇଣ୍ଡା,୨୭।୧୦(ପରିକ୍ଷିତ ସାହୁ)

ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଠାକୁରଗଡ ଓ ଆଠମଲ୍ଲିକ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ ଥାନା ରାଜିଙ୍ଗ ଗ୍ରାମର ନବଘନ ବେହେରା, ମାମୁରିଝରଣ ଗ୍ରାମର ବିନୋଦିନୀ ପ୍ରଧାନ, ବନମାଳୀପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଂସାବ ଗ୍ରାମର ନାରଣ ପ୍ରଧାନ,କାଶିନାଥପୁର ଗ୍ରାମର ପଦ୍ମାବତୀ ଭୋଇ, ଆଠମଲ୍ଲିକ ଥାନା ଗୋପାଳପୁର ଗ୍ରାମର ସମ୍ବାରି ମୁଣ୍ଡା ଏବଂ ଚଞ୍ଚଳା ମୁଣ୍ଡାଙ୍କୁ ଗିରଫ କରାଯାଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନୀରିକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନୀରିକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢାଉ କରିଥିଲେ।

# ଆଜିଠୁ ମା' ଲକ୍ଷ୍ମୀଙ୍କୁ ଆରାଧନା





ଜଣେ କାରିଗର ମା' ଲକ୍ଷ୍ମୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

**ଅନୁଗୋଳରେ ୩୨ ମଣ୍ଡପରେ ପୂଜା**

ଅନୁଗୋଳ,୨୭।୧୦(ଅମିତ କୁମାର ସାମଲ)

ମା' ଲକ୍ଷ୍ମୀଙ୍କ ପୂଜା ପାଇଁ ଅନୁଗୋଳରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶନିବାରଠାରୁ ମା'ଙ୍କ ଆରାଧନା ଆରମ୍ଭ ହେବାକୁ ଥିବାରୁ ସହର ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଯାଇଛି। ଚଳିତବର୍ଷ ମୋଟ ୩୨ ମଣ୍ଡପରେ ପୂଜା ଆୟୋଜନ କରାଯାଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ମୂର୍ତ୍ତି ଓ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ସୁଉଚ୍ଚ ତୋରଣମାନ ପ୍ରସ୍ତୁତ କରାଯାଇଛି। ରାଜ୍ୟ ବାହାରର କାରିଗରମାନେ ମାସାଧିକ କାଳ ଏଠାରେ ରହି ତୋରଣମାନ ତିଆରି କରିଥିବାରୁ ଏହା ଶ୍ରଦ୍ଧାଳୁମାନଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ଆଶା କରାଯାଉଛି। ସେହିପରି ଏକାଧିକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ନଭେମ୍ବର ୮ ତାରିଖ ଯାଏ ଏହି ପୂଜା ପାଳନ ହେବାକୁ ଥିବାରୁ ଦୈନିକ ସହରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ୯ ତାରିଖରେ ଭସାଣି ଶୋଭାଯାତ୍ରା ଆୟୋଜନ କରାଯିବ। ତେଣୁ ଆଇନଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥାକୁ ନଜରରେ ରଖି ଅନୁଗୋଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରବାସୀ ଯେପରି ପୂଜା ପାଳନ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ତାହାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ସୂଚନା ମିଳିଛି।

# ଆଜି ଢେଙ୍କାନାଳରେ ଧରାବତରଣ

**ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ନେଇ ସହର ଉତ୍ସବମୁଖର**

- ଚନ୍ଦ୍ରଗ୍ରହଣ ପାଇଁ ପ୍ରାତଃ କାଳରୁ ହେବ ପୂଜା
- ୩୮ ମଣ୍ଡପରେ ମା'ଙ୍କୁ କରାଯିବ ଆବାହନ

ଢେଙ୍କାନାଳ,୨୭।୧୦(ରତନ ନାୟାର)


ମା'ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର।

ଢେଙ୍କାନାଳରେ ଧରାବତରଣ କରିବେ ମା' ଲକ୍ଷ୍ମୀ। ଶନିବାରଠାରୁ ସହରରେ ଆରମ୍ଭ ହେବ ମା'ଙ୍କ ଆରାଧନା। ଏଥିପାଇଁ ଉତ୍ସବମୁଖର ହୋଇପଡ଼ିଛି ସମଗ୍ର ଢେଙ୍କାନାଳ। ସହରରେ ଶେଷ ହୋଇଛି ସମସ୍ତ ସାଜସଜ୍ଜା। ଚଳିତବର୍ଷ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ୮୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ପରମ୍ପରା ଓ ଭାଇଚାରାକୁ ବଜାୟ ରଖି ସହରବାସୀ ମହାସମାରୋହର ସହ ପୂଜା ଉତ୍ସବ ପାଳନ କରୁଛନ୍ତି। ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଶନିବାର ଚନ୍ଦ୍ରଗ୍ରହଣ ଯୋଗୁ ସମସ୍ତ ପୂଜା ପ୍ରତିଷ୍ଠାନରେ ପ୍ରାତଃ କାଳରୁ ମା'ଙ୍କ ପୂଜା ଆରମ୍ଭ ହେବ।

୧ନଂ. ମେଢ ଶ୍ରୀଶ୍ରୀ ମଉଡ଼ମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର ପକ୍ଷରୁ ସକାଳ ୮ଟା ୧୫ରେ ପୂଜା ଆରମ୍ଭ ହେବ। ସେହିପରି ୪ନଂ. ମେଢ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ସକାଳ ୭ଟା ୩୧ରେ ପୂଜା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ମିନାବଜାର, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରୀଗର ସାହି, ବାଜିଚୌକ, ଗୁଡିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବୁଲିଟାଉନ-୧, କ୍ରିଷ୍ଟାବଜାର, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ ସିମିଳିଆ, ଷ୍ଟେଶନ ବଜାର, ମା' ସୁନ୍ଦରଶୁଣୀ ଆସ୍ଥାନ, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସ୍‌ଷ୍ଟାଣ୍ଡ, ଦୁର୍ଗା ବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, ଜୁବୁଲି ଟାଉନ-୨, ସ୍ୱପ୍ନେଶ୍ୱର ବଜାର, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାରସାହି, କମ୍ୟୁନିଟି ସେଣ୍ଟର ହାଡରୋଡ, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ, ବନମାଳୀ ପ୍ରସାଦ, ଜେନାଦେବୀ ବଜାର ଓ ନିର୍ମାଲ୍ୟ ବଜାର ଆଦି ପୂଜା ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସର ସହ ପୂଜା ପାଳନ କରାଯିବ। ସହରସ୍ଥିତ ବାଜିଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାର ଚିତ୍ରକୁ ସାଜସଜ୍ଜାରେ ପ୍ରଦର୍ଶିତ କରାଯାଇଥିବା ବେଳେ ବସ୍‌ଷ୍ଟାଣ୍ଡ-ଅମଲାପଡା ପୂଜା ପ୍ରତିଷ୍ଠାନ ପକ୍ଷରୁ ତିରୁପତୀ ବାଲାଜୀ ମନ୍ଦିର, ମୀନାବଜାର ଓ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ କେଦାରନାଥ ମନ୍ଦିର ଏବଂ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଆଦିଯୋଗୀ ପୀଠ ସଦୃଶ ବିଶାଳ ତୋରଣ ନିର୍ମିତ ହୋଇଛି। ସେହିପରି ବିଦ୍ୟୁତ ଆଲୋକର ତୋରଣରେ ସହର ଝଲସୁଛି। ରଥଗଡା, ମିନି ଷ୍ଟାଡିୟମ ଓ ବିବି ହାଇସ୍କୁଲ ଖେଳ ପଡିଆରେ ବିଭିନ୍ନ କିସମର ଦୋଳି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ମିନାବଜାର ଖୋଲିଛି। କଟକର ଦହିବରା ଆଳୁଦମ, ଗୁପଚୁପ, ଚାଟ୍, ମଥୁରା କେକ୍, ଢେଙ୍କାନାଳ ବରା ଆଦି ଖାଦ୍ୟଷ୍ଟଲରେ ବିକ୍ରି ଆରମ୍ଭ ହୋଇଛି। ଏଥିଯୋଗୁ ସହରରେ ଭିଡ଼ ବଢୁଥିବା ଦେଖାଯାଉଛି। ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ପୂଜା ପାଳନ କରାଯିବା ସହ ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମହିଷାପାଟ ପଡିଆଠାରେ ଜାତୀୟସ୍ତରର ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏବଂ ମିଳିତବଜାର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ବେହେରା ଶାନ୍ତିଶୃଙ୍ଖଳା, ପରମ୍ପରା, ଭାଇଚାରା ମଧ୍ୟରେ ପୂଜା ଓ ଭସାଣି ଉତ୍ସବ ପାଳନ ନିମନ୍ତେ ସହରବାସୀଙ୍କୁ ନିବେଦନ କରିଛନ୍ତି।

# ଟ୍ରାଫିକ ନିୟନ୍ତ୍ରଣ କଡ଼ାକଡ଼ି ହେବ

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଲକ୍ଷ୍ମୀପୂଜା ପାଇଁ ଢେଙ୍କାନାଳ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ଟ୍ରାଫିକ ନିୟନ୍ତ୍ରଣକୁ କଡାକଡି କରାଯାଇଛି। ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏ ନେଇ ସୂଚନା ପ୍ରଦାନ କରିଛନ୍ତି। ଏସ୍‌ପି କହିଛନ୍ତି, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରକୁ ୨ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍‌ରେ ୪ଟି ସେକ୍ଟର ରହିବ। ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣକୁ ଜୋର୍‌ଦାର କରାଯିବ। ଷ୍ଟେଶନ ରୋଡ ଛକରୁ ଢେଙ୍କାନାଳ ବସ୍‌ଷ୍ଟାଣ୍ଡ, ତାରେଣୀ ଛକରୁ ଦକ୍ଷିଣକାଳୀ, କଣ୍ଟାନାଳୀ ବାଇପାସରୁ ଦେଉଳସାହି ଦେଇ ବସଷ୍ଟାଣ୍ଡ, ମହିଷାପାଟ ଛକରୁ ଦେଉଳସାହି ଦେଇ ବସଷ୍ଟାଣ୍ଡ ଓ କଲେଜ ବାଇପାସରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବସ୍ ଏବଂ ଅନ୍ୟ ଭାରିଯାନ ଚଳାଚଳ ବନ୍ଦ ରହିବ। ଯେଉଁ ୪ଚକିଆ ଯାନଗୁଡିକ ଶାସନ ଛକ ପଟରୁ ଢେଙ୍କାନାଳ ବସ୍‌ଷ୍ଟାଣ୍ଡକୁ ଆସିବ, ତାହା ସୂର୍ଯ୍ୟ ହୋଟେଲ, ଜବାହାରଚୌକ ଓ ଗାନ୍ଧୀମନ୍ଦିର ରୋଡ ଦେଇ ବସ୍‌ଷ୍ଟାଣ୍ଡକୁ ଯିବ। କଲେଜ ବାଇପାସରୁ ସହର ମଧ୍ୟକୁ ଆସୁଥିବା ୪ ଚକିଆ ଯାନ କଲେଜ ବାଇପାସ, ବସ୍‌ଷ୍ଟାଣ୍ଡ, ପୂର୍ତ୍ତବିଭାଗ କାର୍ଯ୍ୟାଳୟ ଛକ, ମହାବୀର ବଜାର ଟ୍ରାଫିକ, ଜଗନ୍ନାଥରୋଡ, ସୂର୍ଯ୍ୟ ହୋଟେଲ ଓ ଶାସନ ଛକ ଦେଇ ଗନ୍ତବ୍ୟସ୍ଥଳକୁ ଯିବ। ଦକ୍ଷିଣକାଳୀ ଅଞ୍ଚଳପଟୁ ବସଷ୍ଟାଣ୍ଡ ଆଡକୁ ଆସୁଥିବା ଗାଡିଗୁଡିକ ଶକୁନ୍ତଳା ହୋଟେଲ, ମଲ୍ଲାରସାହି, ଜଗନ୍ନାଥ ରୋଡ୍, ସୂର୍ଯ୍ୟ ହୋଟେଲ, ଜବାହାରଚୌକ ଓ ବସଷ୍ଟାଣ୍ଡ ଅଞ୍ଚଳକୁ ଆସିପାରିବ। ଏହି ଗାଡିଗୁଡିକ ମଧ୍ୟ ସର୍କସ୍ ପଡିଆଠାରେ ପାର୍କିଂ କରିପାରିବ। ସେହିପରି କଟକ ଓ ଅନୁଗୋଳ ପଟୁ ପଲ୍ଲିଶ୍ରୀ ମେଳାକୁ ଆସୁଥିବା ଗାଡିଗୁଡିକ କଲେଜ ବାଇପାସ, ବସ୍‌ଷ୍ଟାଣ୍ଡ, ୫୫ନଂ ଜାତୀୟ ରାଜପଥ, ପଲ୍ଲିଶ୍ରୀ ମେଳା ଓ କୋରିଆଁ ବାଇପାସ୍ ଏବଂ ମହିଷାପାଟ ଦେଇ ଚଳପ୍ରଚଳ କରିବ। ଏହି ଗାଡିଗୁଡିକ ୫୫ନଂ ଜାତୀୟ ରାଜପଥର ମହିଷାପାଟ ଇଡ୍‌କୋ ଓ ଏହା ନିକଟସ୍ଥ ସିଭି ରମଣ ପଡିଆ ଏବଂ ବିଏସ୍‌ଏନ୍‌ଏଲ୍ ସାଇଟ୍‌ରେ ପାର୍କିଂ କରିପାରିବ। ଯୋରନ୍ଦା, ଗଁନ୍ଦିଆ ଓ ବଣସିଂହ ପଟରୁ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଗାଡ଼ି ଓଭରବ୍ରିଜ୍, ରେଳଷ୍ଟେଶନ ରାସ୍ତା, କାଲଟାକ୍ସ, ଶାସନ ଛକ, ସୂର୍ଯ୍ୟ ହୋଟେଲ, ଜବାହରଚୌକ ଓ ଗାନ୍ଧୀ ମନ୍ଦିର ଦେଇ ବସଷ୍ଟାଣ୍ଡକୁ ଆସିବ। ଓଭରବ୍ରିଜ୍ ଓ କାଳୀ ପଡିଆଠାରେ ପାର୍କିଂ ବ୍ୟବସ୍ଥା ହୋଇଛି। ଯେଉଁ ଗାଡି ଗୁଡିକ ଭାପୁର ଓ ଶଙ୍କରପୁର ପଟରୁ ବସ୍‌ଷ୍ଟାଣ୍ଡକୁ ଆସିବ, ତାହା ଦେଉଳସାହି ଛକ, ବଳରାମ ମନ୍ଦିର, କୋର୍ଟ ଛକ ଦେଇ ବସ୍‌ଷ୍ଟାଣ୍ଡକୁ ଆସିବ। ଜରୁରୀ ସାମଗ୍ରୀ ପରିବହନ କରୁଥିବା ଯାନବାହାନ ରାତି ୧୨ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଟାଉନ ଭିତରକୁ ପ୍ରବେଶ କରିପାରିବେ। କୈବଲ୍ୟ ବଜାର ଏଏନ୍‌ଏମ୍ ସେଣ୍ଟରଠାରୁ ବାଜିଚୌକ ପର୍ଯ୍ୟନ୍ତ ଅଧିକ ଭିଡ ହେବା ଆଶଙ୍କା ରହିଛି। ଏହା ମଧ୍ୟରେ କେବଳ ପାଦଚଲା ରାସ୍ତା ରହିବ। ସେହିପରି ପୂଜା ଭିଡ ମଧ୍ୟରେ ଅପରାଧ ଘଟାଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଲ୍ଲିଶ୍ରୀ ମେଳା ପଡିଆରେ ଅଧିକ ଭିଡ ହେଲେ ନିରୁପମା ହୋଟେଲଠାରୁ ମହିଷାପାଟ ଛକ ମଧ୍ୟରେ ଜାତୀୟ ରାଜପଥକୁ ଟୁ-ୱେ କରାଯିବ ବୋଲି ଏସ୍‌ପି କହିଥିଲେ। ସୁନା ଅଳଙ୍କାର ଲାଗି ହୋଇଥିବା ମେଢ଼ ନିକଟରେ ସଶସ୍ତ୍ର ପୋଲିସ ମୁତୟନ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୨ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପି, ୨୦ ଇନ୍ସପେକ୍ଟର, ୧୦୬ ଏସ୍‌ଆଇ ଓ ଏଏସ୍‌ଆଇ, ୪୦ ହାବିଲଦାର ଓ ହେଡ୍ କନଷ୍ଟେବଲ ଓ ୩୫୦ ଜଣ ହୋମଗାର୍ଡ ଆଇନଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହେବେ। ଏସ୍‌ପି ପୂଜା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଓ ସୂର୍ଯ୍ୟମଣି ପ୍ରଧାନ, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଉଛନ୍ତି।

# ୩୦ରେ ଜନ ଅଭିଯୋଗ ଶୁଣାଣି

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଆସନ୍ତା ୩୦ରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲାପାଳ, ଏସ୍‌ପି ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ। ତେଣୁ ପରଜଙ୍ଗ ଅଞ୍ଚଳବାସୀଙ୍କ କୌଣସି ଅଭିଯୋଗ ଥିଲେ ଏହି ଶିବିରକୁ ଆସି ଜଣାଇପାରିବେ। ଜନସାଧାରଣ ପ୍ରଥମେ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ଜଣାଇବାକୁ କୁହାଯାଇଛି। କୌଣସି ବ୍ୟକ୍ତି ପ୍ରଥମ କରି ସିଧାସଳଖ ଭାବେ ଜନ ଅଭିଯୋଗ ଶୁଣାଣି ଶିବିରକୁ ନ ଆସିବାକୁ ଅନୁରୋଧ କରାଯାଇଛି। ସେହିପରି ଉକ୍ତ ଦିନ ଜିଲାର ଗଁନ୍ଦିଆ ବ୍ଲକ ଅଫିସ, କଙ୍କଡାହାଡ ବ୍ଲକ ଅଫିସ, ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସଦର ବ୍ଲକ ଅଫିସ, ଓଡ଼ାପଡ଼ା ବ୍ଲକ ଅଫିସ ଓ ଭୁବନ ବ୍ଲକ ଅଫିସଠାରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣି କରିବେ।

# ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ ସଂଶୋଧନ କାର୍ଯ୍ୟକ୍ରମ


ଭୋଟର ତାଲିକା ଚିଠା ପ୍ରକାଶ ଅବସରରେ ଜିଲାପାଳଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ।

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଶୁକ୍ରବାର ଭୋଟର ତାଲିକା ଚିଠା ପ୍ରକାଶ କରିଛନ୍ତି। ଏହାର ଏକ କପି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଛି। ଶୁକ୍ରବାରଠାରୁ ଜିଲାର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ସମସ୍ତ ନିର୍ବାଚନ ମଣ୍ଡଳୀର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ସମସ୍ତ ମତାଦାନ କେନ୍ଦ୍ରରେ ଭୋଟର ତାଲିକାର ଚିଠା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଥିଲା। ଏହି ସମୟ ମଧ୍ୟରେ ସମସ୍ତ ମତଦାତା ସେମାନଙ୍କ ଭୋଟର ତାଲିକା ସଂକ୍ରାନ୍ତିୟ ତଥ୍ୟ ଯାଞ୍ଚ କରିବେ। ଏହି କାର୍ଯ୍ୟକ୍ରମରେ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ଅନୁପସ୍ଥିତ, ସ୍ଥାନାନ୍ତରିତ ଏବଂ ମୃତ ବ୍ୟକ୍ତିଙ୍କ ନାମକୁ ଭୋଟର ତାଲିକାରୁ ବାଦ କରିବା ସହ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ କରିବାକୁ କୁହାଯାଇଛି। ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥରେ ଜଣେ ଲେଖାଏ ବୁଥସ୍ତରୀୟ ଅଧିକାରୀ ଭୋଟର ସଂଶୋଧନ ପାଇଁ କାର୍ଯ୍ୟ କରିବେ। ୧।୧।୨୦୨୪ ସୁଦ୍ଧା ୧୮ବର୍ଷ ହୋଇଥିବା ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯିବ। ଏଥିସହିତ ପରବର୍ତୀ ପର୍ଯ୍ୟାୟରେ ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ସୁଦ୍ଧା ଯୋଗ୍ୟ ବିବେଚିତ ହେଉଥିବା ଭୋଟରମାନଙ୍କଠାରୁ ଅଗ୍ରୀମ ଫର୍ମ ସଂଗ୍ରହ କରାଯିବ। ସମସ୍ତ ବୁଥରେ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବା ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କୁ ଅବଗତ କରାଯାଇଥିଲା। ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଦିଲ୍ଲୀ ଅଭିମୁଖେ ଗଲା ପବିତ୍ର ମାଟି

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଢେଙ୍କାନାଳ ଜିଲାର ସମସ୍ତ ବ୍ଲକରେ ଥିବା ଶହୀଦଙ୍କ ଗ୍ରାମରୁ ଅମୃତ କଳସରେ ସଂଗ୍ରହ କରାଯାଇଥିବା ପବିତ୍ର ମାଟି ଶୁକ୍ରବାର ଦିଲ୍ଲୀ ପଠାଯାଇଛି। ଦିଲ୍ଲୀର କର୍ତ୍ତବ୍ୟ ପଥର ନ୍ୟାଶନାଲ ୱାର ମେମୋରିଆଲ ଅମୃତ ବାଟିକାରେ ଏହାକୁ ରଖାଯିବ। ଜିଲାପାଳ ମନୋରଞ୍ଜନ ମଲ୍ଲିକ ପତାକା ଦେଖାଇ ଅମୃତ କଳସ ଯାତ୍ରାର ଆରମ୍ଭ କରିଥିଲେ। ଶହୀଦଙ୍କ ଉଦ୍ଦେଶ୍ୟରେ ଅମୃତ ବାଟିକାରେ ଢେଙ୍କାନାଳର ପବିତ୍ର ମାଟି ସ୍ଥାପନା ହେଉଥିବାରୁ ସମସ୍ତେ ଗର୍ବିତ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ସାହୁ ଓ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଶୁଭେନ୍ଦୁ ବେହେରା ଢେଙ୍କାନାଳର ଏହି ପବିତ୍ର ମାଟି ଲୋକସେବା ଭବନ ଯିବା ପରେ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ ବୋଲି ଜଣାଇଛନ୍ତି।


ପବିତ୍ର ମାଟି ଅମୃତ କଳସକୁ ଦିଲ୍ଲୀ ଅଭିମୁଖେ ପଠାଯାଉଛି।

# ଗୋରୁ ଚରାଳିଙ୍କୁ ଆକ୍ରମଣ, ଉତ୍ତେଜନା



ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା କରମୁଳ ଗ୍ରାମର ଜଣେ ଗୋରୁ ଚରାଳିଙ୍କୁ ମଝିପାଳ ଗ୍ରାମର କେତେଜଣ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ପଦକ୍ଷେପ ଗ୍ରହଣ ନ କରିବାରୁ ଏହାର ପ୍ରତିବାଦରେ ଅଞ୍ଚଳବାସୀ ମନ୍ଦାର-ଯୋରନ୍ଦା ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯୋରନ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିବା ବିଭୂତି ଭୂଷଣ ମହାପାତ୍ର ପ୍ରକାଶ କରିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ପାଇଁ ପ୍ରସ୍ତୁତି

**୧୦୬ କୋଟି ଟଙ୍କା ବ୍ୟୟ ଅଟକଳ**

ଢେଙ୍କାନାଳ,୨୭।୧୦(ରତନ ନାୟାର)

ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଢେଙ୍କାନାଳ ଜିଲାରେ ପ୍ରାୟ ୩ହଜାର ପ୍ରକଳ୍ପ ନିର୍ମାଣ ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପଗୁଡିକ ପାଇଁ ୧୦୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଯୋଜନାର ଶୁଭାରମ୍ଭ ଦିବସରେ ପ୍ରକଳ୍ପ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିବ। ଶୁକ୍ରବାର ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଉପସଭାପତି ବିଳାସିନୀ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଜନାରେ ହେବାକୁ ଥିବା ପ୍ରକଳ୍ପଗୁଡିକ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ବିଡିଓ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ସୁନା, ଚାନ୍ଦି ମେଢ଼ରେ ଝଲସିବେ ମା'

**ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ**

- ବାଙ୍କୀ, ଜଟଣୀ ଓ ବରଗଡରୁ ସାମିଲ ହେବେ ଲୋକନୃତ୍ୟ ଦଳ
- ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କୁ ମିଳିବ ଅନ୍ନ ପ୍ରସାଦ

ଢେଙ୍କାନାଳ,୨୭।୧୦(ରତନ ନାୟାର)



ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ ପାଇଁ ଖବରଦାତା ସମ୍ମିଳନୀ।

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଚଳିତବର୍ଷର ପ୍ରମୁଖ ପୂଜା ଅନୁଷ୍ଠାନ ଗଣେଶ ବଜାର ନିଜର ୭୫ ବର୍ଷ ପୂର୍ତ୍ତି ପାଳନ କରିବ। ଏହି ଅବସରରେ ଶୁକ୍ରବାର ମଧ୍ୟାହ୍ନରେ ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ଅନୁଷ୍ଠାନ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ବସନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଶ୍ୱନାଥ ବେହେରା, କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ, ଟ୍ରଷ୍ଟ ସାଧାରଣ ସମ୍ପାଦକ ଅତୁଲ୍ୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ହୀରକ ଜୟନ୍ତୀ ପାଳନ ସମ୍ପର୍କରେ ସମ୍ପାଦକ କହିଥିଲେ, ଚଳିତବର୍ଷ ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳିତ ହେବ। ସମୁଦାୟ ପୂଜା ଉତ୍ସବର ବ୍ୟୟ ଅଟକଳ ଅଢେଇ କୋଟି ଟଙ୍କା ହୋଇଛି। ହୀରକ ଜୟନ୍ତୀ ପାଇଁ ସାଂସ୍କୃତିକ ମହୋତ୍ସବ ୨୯ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ସମେତ ବାଙ୍କୀ, ଜଟଣୀ ଓ ବରଗଡର କଳାକାରମାନେ ଭାଗ ନେବେ। ଚଳିତବର୍ଷ ନୂତନ ସୁନା ମୁକୁଟ ସହ ପୂର୍ବରୁ ହୋଇଥିବା ସୁନାର ଟିକା, ଚେନ ଓ କାନଫୁଲ ଓ ଚାନ୍ଦି ମେଢରେ ଝଲସିବେ ମା' ଲକ୍ଷ୍ମୀ। ସୁନା ମକୁଟ ପାଇଁ ୧ କେଜି ୧୦୦ ଗ୍ରାମ ସୁନା ଲାଗି ହୋଇଛି। ସେହିପରି ୨ କୁଇଣ୍ଟାଲ ଚାନ୍ଦିରେ ମେଢ ନିର୍ମାଣ କରାଯାଇଛି। କଲିକତାର କାରିଗରଙ୍କ ଦ୍ୱାରା ୧୫ ଲକ୍ଷ ଟଙ୍କା ବ୍ୟୟରେ କୋଏମ୍ବାଟୁରର ଆଦିଯୋଗୀ ପୀଠ ସଦୃଶ ଓ କେଦାରନାଥ ମନ୍ଦିର ସଦୃଶ ବିଶାଳ ତୋରଣ କରାଯାଇଛି। ଶନିବାର ଚନ୍ଦ୍ରଗ୍ରହଣ ଥିବାରୁ ଏଥିନିମନ୍ତେ ସକାଳ ୭ଟା ୩୧ରୁ ପୂଜା ଆରମ୍ଭ ହେବ। ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ଅମରେନ୍ଦ୍ର ନନ୍ଦଶର୍ମା, ପଣ୍ଡିତ ସରୋଜ ଶତପଥୀ, ପୁରୀର ପଣ୍ଡିତ କୈଳାସ ଚନ୍ଦ୍ର ଦାଶ ଓ ପଣ୍ଡିତ ରଶ୍ମି ରଞ୍ଜନ ପାଣି ପ୍ରମୁଖ ମା'ଙ୍କ ପୂଜା ସମ୍ପାଦନ କରିବେ। ପ୍ରତିଦିନ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯିବ। ୪ ତାରିଖରେ ସମୂହ ପ୍ରସାଦ ସେବନ ଅନୁଷ୍ଠିତ ହେବ। ଏଥିରେ ୩ହଜାର ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଛି। ସେହିପରି ରଥଗଡା ଓ ମିନି ଷ୍ଟାଡିୟମଠାରେ ବିଭିନ୍ନ କିସମର ଦୋଳି ପଡିବ। ଭସାଣି ଉତ୍ସବରେ ମହାରାଷ୍ଟ୍ର ଓ କେରଳର ଲୋକନୃତ୍ୟ ଦଳ ସାମିଲ ହେବେ। ଚଳିତବର୍ଷ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଜଙ୍ଗଲ ଓ ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେବାକୁ ସାଜସଜ୍ଜା କରାଯାଇଛି। ୧୯୪୮ ମସିହାରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରଥମେ ୫୬ ଟଙ୍କା ବ୍ୟୟରେ ପୂଜା ହୋଇଥିଲା ବୋଲି ସମ୍ପାଦକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

